# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**26 May - 2024**

**News Editor : *Tapan Kumar Maharana***

**********************************

## ମୁଖ୍ୟ ସମ୍ବାଦ

- ରାଜ୍ୟରେ ଚତୁର୍ଥ ତଥା ଶେଷ ପର୍ଯ୍ୟାୟ ନିର୍ବାଚନ ପାଇଁ ପ୍ରଚାର ଜୋର୍‌ଦାର୍

— ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର ପାଇଁ ଓଡ଼ିଶା ଗସ୍ତରେ କେନ୍ଦ୍ର ନେତୃବୃନ୍ଦ

- ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପରିଚାଳିତ ଯୁକ୍ତଦୁଇ ପରୀକ୍ଷା ଫଳ ପ୍ରକାଶିତ; ଛାତ୍ରଙ୍କଠାରୁ ଛାତ୍ରୀ ଆଗୁଆ

- ମାଧ୍ୟମିକ ଶିକ୍ଷା ପରିଷଦର ମାଟ୍ରିକ୍ ପରୀକ୍ଷା ଫଳ ପ୍ରକାଶ; ପାଶ୍ ହାର ୯୬ ଦଶମିକ ୦/୭ ପ୍ରତିଶତ

ଏବଂ

- ଭୀଷଣ ବାତ୍ୟାର ରୂପ ନେଲା ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟ ଘୂର୍ଣ୍ଣିଝଡ଼ ରେମାଲ

— ଆଜି ମଧ୍ୟରାତ୍ରରେ ସ୍ଥଳଭାଗ ଛୁଇଁବା ସମ୍ଭାବନା

## ରାଜ୍ୟ ତୃତୀୟ ପର୍ଯ୍ୟାୟ ମତଦାନ

ରାଜ୍ୟରେ ଚତୁର୍ଥ ତଥା ଶେଷ ପର୍ଯ୍ୟାୟ ନିର୍ବାଚନ ଆସନ୍ତା ଜୁନ୍ ମାସ ୧ ତାରିଖରେ ଅନୁଷ୍ଠିତ ହେବ। ଏହି ପର୍ଯ୍ୟାୟରେ ଅବଶିଷ୍ଟ ୬ଟି ଲୋକସଭା ଆସନ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର ଏବଂ ଏହା ଅନ୍ତର୍ଗତ ୪୨ଟି ବିଧାନସଭା ଆସନ ପାଇଁ ଭୋଟ୍ ନିଆଯିବ । ଏହି ପର୍ଯ୍ୟାୟ ନିର୍ବାଚନ ପାଇଁ ପ୍ରଚାର କାର୍ଯ୍ୟ ଜୋର୍‌ସୋର୍‌ରେ ଚାଲିଛି। କେନ୍ଦ୍ର ନେତୃମଣ୍ଡଳୀଙ୍କ ସହିତ ଅନ୍ୟାନ୍ୟ ଦଳର ନେତାମାନେ ଏଥିପାଇଁ ଆସି ପ୍ରଚାର କରୁଛନ୍ତି।

## ନିର୍ବାଚନ - ସପ୍ତମ ପର୍ଯ୍ୟାୟ

ଦେଶର ସପ୍ତମ ତଥା ଚୂଡ଼ାନ୍ତ ପର୍ଯ୍ୟାୟ ଲୋକସଭା ନିର୍ବାଚନରେ ୮ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୫୭ଟି ଆସନ ଲାଗି ଆସନ୍ତା ଜୁନ୍ ପହିଲା ଦିନ ମତଗ୍ରହଣ ହେବ । ଏହି ପର୍ଯ୍ୟାୟରେ ୯୦୪ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି ।

ଏହି ପର୍ଯ୍ୟାୟରେ ବିହାରର ୮ଟି, ହିମାଚଳପ୍ରଦେଶର ୪ଟି, ଝାଡ଼ଖଣ୍ଡର ୩ଟି, ଓଡ଼ିଶାର ୬ଟି, ପଞ୍ଜାବ ଓ ଉତ୍ତରପ୍ରଦେଶର ୧୩ଟି ଲେଖାଏଁ, ପଶ୍ଚିମବଙ୍ଗର ୯ଟି ଓ ଚଣ୍ଡିଗଡର ଗୋଟିଏ ଲୋକସଭା ଆସନରେ ଭୋଟ୍‌ଗ୍ରହଣ କରାଯିବ ।

## କେନ୍ଦ୍ରମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ

ବିଜେପିର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ **ନରେନ୍ଦ୍ର ମୋଦୀ** ଆସନ୍ତା ୨୯ ତାରିଖରେ ଦଳୀୟ ପ୍ରଚାର କାର୍ଯ୍ୟରେ ଓଡ଼ିଶା ଗସ୍ତରେ ଆସି କେନ୍ଦ୍ରାପଡା

ଓ ବାଲେଶ୍ୱରଠାରେ ବିଜୟ ସଂକଳ୍ପ ସମାବେଶରେ ଯୋଗଦେବେ । ପ୍ରଧାନମନ୍ତ୍ରୀ କେନ୍ଦ୍ରାପଡା ବ୍ଲକ୍ ଅନ୍ତର୍ଗତ ବାରୋ ଗ୍ରାମ ସ୍ଥିତ ସିଦ୍ଧ ମଠ ପଡିଆଠାରେ ଜନ ସମାବେଶକୁ ଉଦ୍‌ବୋଧନ ଦେବେ ବୋଲି ରାଜ୍ୟ ବିଜେପି ମୁଖପାତ୍ର ଧୀରେନ୍ ସେନାପତି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। କେନ୍ଦ୍ର ଗୃହମନ୍ତ୍ରୀ **ଅମିତ୍ ଶାହା** ମଧ୍ୟ ଆସନ୍ତା ୨୮ ତାରିଖରେ ଓଡ଼ିଶା ଗସ୍ତରେ ଆସି ଚାନ୍ଦବାଲି, କୋରେଇ ଓ ନିମାପଡାରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବେ ବୋଲି ରାଜ୍ୟ ବିଜେପି ପକ୍ଷରୁ ସୂଚନା ଦିଆଯାଇଛି। ଆସାମ ମୁଖ୍ୟମନ୍ତ୍ରୀ ତଥା ବିଜେପିର ବରିଷ୍ଠ ନେତା **ହିମନ୍ତ ବିଶ୍ୱଶର୍ମା** ଆସନ୍ତାକାଲିଠାରୁ ପୁଣି ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସି ୮ଟି ସ୍ଥାନରେ ଦଳୀୟ ନିର୍ବାଚନ ପ୍ରଚାରରେ ଯୋଗଦେବେ ବୋଲି  ଜଣାପଡିଛି। ଅନ୍ୟପକ୍ଷରେ କଂଗ୍ରେସ ଅଧ୍ୟକ୍ଷ **ମଲ୍ଲିକାର୍ଜୁନ ଖଡଗେ** ଆସନ୍ତା ୨୯ ତାରିଖରେ ବାଲେଶ୍ୱର ଏବଂ ଦଳର ବରିଷ୍ଠ ନେତା **ରାହୁଲ ଗାନ୍ଧୀ** ଆସନ୍ତା ୩୦ ତାରିଖରେ ଓଡ଼ିଶା ଗସ୍ତରେ ଆସି  ଭଦ୍ରକ ଜିଲ୍ଲାରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବେ ବୋଲି ରାଜ୍ୟ କଂଗ୍ରେସ ପ୍ରଭାରୀ ଅଜୟ କୁମାର ସୂଚନା ଦେଇଛନ୍ତି।

## ପୋଷ୍ଟାଲ୍ ବାଲାଟ୍-ମତଦାନ

ତୃତୀୟ ପର୍ଯ୍ୟାୟ ଶେଷ ସୁଦ୍ଧା ରାଜ୍ୟରେ ପୋଷ୍ଟାଲ୍ ବାଲାଟ୍‌ରେ ପ୍ରାୟ ୯୪ ହଜାର ମତଦାନ ହୋଇଥିବା ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ଜଣାପଡିଛି। ଏହା ମଧ୍ୟରେ ୮୫ ବର୍ଷ ବୟସରୁ ଊର୍ଦ୍ଧ୍ୱ ବରିଷ୍ଠ ମତଦାତା ଓ ଭିନ୍ନକ୍ଷମ ମତଦାତାମାନେ ହୋମ୍ ଭୋଟିଂ ମାଧ୍ୟମରେ ମତଦାନ କରୁଥିବାବେଳେ ଅତ୍ୟାବଶ୍ୟକ ସେବାରେ ନିୟୋଜିତ କର୍ମଚାରୀ ପିଭିସିରେ

ଏବଂ ନିର୍ବାଚନ କାର୍ଯ୍ୟରେ ନିୟୋଜିତ କର୍ମଚାରୀ ପିବିଏଫ୍‌ସି ମାଧ୍ୟମରେ ମତଦାନ କରିଥିବା ସୂଚନା ମିଳିଛି।

## ଯୁକ୍ତ ଦୁଇ ପରୀକ୍ଷା ଫଳ

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ବିଦ୍ୟାଳୟଗୁଡ଼ିକର ଦ୍ୱାଦଶ ଶ୍ରେଣୀ–ଯୁକ୍ତ ଦୁଇ ପରୀକ୍ଷା ଫଳ ଆଜି ପ୍ରକାଶ ପାଇଛି। ଗୋଟିଏ ଦିନରେ କଳା, ବାଣିଜ୍ୟ, ବିଜ୍ଞାନ ଓ ଧନ୍ଦାମୂଳକ ପାଠ୍ୟକ୍ରମର ପରୀକ୍ଷା ଫଳ ଘୋଷଣା କରାଯାଇଛି। ପରିଷଦ କାର୍ଯ୍ୟାଳୟରେ ଆଜି ଅପରାହ୍ଣରେ ପରିଷଦ ଅଧ୍ୟକ୍ଷ ଅଶ୍ୱିନୀ କୁମାର ମିଶ୍ର ଗଣଶିକ୍ଷା ବିଭାଗ ଓ ପରିଷଦ ଅଧିକାରୀମାନଙ୍କ ଉପସ୍ଥିତିରେ ପରୀକ୍ଷା ଫଳ ପୁସ୍ତିକା ଉନ୍ମୋଚନ କରିଛନ୍ତି। କଳାରେ ପାଶ୍ ହାର ୮୦ ଦଶମିକ ୯/୫ ପ୍ରତିଶତ ରହିଥିବାବେଳେ ବିଜ୍ଞାନରେ ୮୬ ଦଶମିକ ୯/୩ ପ୍ରତିଶତ ଏବଂ ବାଣିଜ୍ୟରେ ୮୨ଦଶମିକ ୨/୭ ପ୍ରତିଶତ ରହିଛି। ଧନ୍ଦାମୂଳକ ଶିକ୍ଷାରେ ପାଶ୍ ହାର ୬୮ ଦଶମିକ ୦/୨ ପ୍ରତିଶତ ରହିଥିବା ଜଣାପଡିଛି। ଯୁକ୍ତଦୁଇ ପରୀକ୍ଷାରେ ଛାତ୍ରଙ୍କ ଅପେକ୍ଷା ଛାତ୍ରୀମାନଙ୍କ ପାଶ୍ ହାର ଅଧିକ ରହିଛି। ଚଳିତ ଥର କଳାରେ ଛାତ୍ରଙ୍କ ପାଶ୍ ହାର ୭୨ ଦଶମିକ ୬/୮ ପ୍ରତିଶତ ରହିଥିବାବେଳେ ଛାତ୍ରୀଙ୍କ ପାଶ୍ ହାର ୮୭ ଦଶମିକ ୫/୬ ପ୍ରତିଶତ ରହିଛି। ସେହିପରି ବିଜ୍ଞାନରେ ଛାତ୍ରଙ୍କ ପାଶ୍ ହାର ୮୬ ଦଶମିକ ୨/୧ ପ୍ରତିଶତ ଏବଂ ଛାତ୍ରୀମାନଙ୍କ ପାଶ୍ ହାର ୮୭ ଦଶମିକ ୭/୪ ପ୍ରତିଶତ ରହିଥିବା ଜଣାଯାଇଛି।

ବାଣିଜ୍ୟରେ ଛାତ୍ରମାନଙ୍କ ପାଶ୍ ହାର ୮୦ ଦଶମିକ ୪/୦ ପ୍ରତିଶତ ଏବଂ ଛାତ୍ରୀଙ୍କ ପାଶ୍ ହାର ୮୫ ଦଶମିକ ୫/୫ ପ୍ରତିଶତ ରହିଛି। କଳାରେ

ମୋଟ୍ ୨ ଲକ୍ଷ ୩୫ ହଜାର ୨୧୮ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୧ ଲକ୍ଷ ୯୦ ହଜାର ୪୨୯ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଜ୍ଞାନରେ ୧ ଲକ୍ଷ ୧୫ ହଜାର ୮୯୫ ଜଣ ପରୀକ୍ଷାର୍ଥୀ ପରିକ୍ଷା ଦେଇଥିବାବେଳେ ୧ ଲକ୍ଷ ୭୫୭ ଜଣ ଉତ୍ତୀର୍ଣ୍ଣ ହୋଇଥିବା ଜଣାପଡିଛି। ବାଣିଜ୍ୟରେ ମଧ୍ୟ ୨୫ ହଜାର ୮୯୭ ଜଣ ପରୀକ୍ଷା ଦେଇଥିବାବେଳେ ୨୧ ହଜାର ୩୦୮ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି।

ଏ ସମ୍ପର୍କରେ  ପରିଷଦ ଅଧ୍ୟକ୍ଷ ଅଶ୍ୱିନୀ କୁମାର ମିଶ୍ର କହନ୍ତି....

**- V/O -**

ଚଳିତବର୍ଷ ୩ ଲକ୍ଷ ୮୬ ହଜାର ୨୫୦ ଜଣ ଛାତ୍ରଛାତ୍ରୀ ଯୁକ୍ତଦୁଇ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରେ ୩ ଲକ୍ଷ ୬୦ ହଜାର ୧୯୮ ଜଣ ରେଗୁଲାର ଏବଂ ୨୬ ହଜାର ୫୨ ଜଣ ଏକ୍ସ ରେଗୁଲାର ପରୀକ୍ଷାର୍ଥୀ ଥିବା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଜଣାପଡିଛି।

## ମାଟ୍ରିକ୍ ପରୀକ୍ଷା ଫଳ ପ୍ରକାଶିତ

ମାଧ୍ୟମିକ ଶିକ୍ଷା ପରିଷଦ-ବୋର୍ଡ ପକ୍ଷରୁ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ ମାଟ୍ରିକ୍ ପରୀକ୍ଷା ଫଳ ଆଜି ପ୍ରକାଶ ପାଇଛି। ଚଳିତବର୍ଷର ପାଶ୍ ହାର ୯୬ ଦଶମିକ ୦/୭ ପ୍ରତିଶତ ରହିଛି। ମାଟ୍ରିକ୍ ପରୀକ୍ଷାରେ ପୁଅଙ୍କ ଅପେକ୍ଷା ଝିଅଙ୍କ ପାଶ୍ ହାର ଅଧିକ ରହିଛି। ଝିଅଙ୍କ ପାଶ୍ ହାର ୯୬ ଦଶମିକ ୭/୩ ପ୍ରତିଶତ ଥିବାବେଳେ ପୁଅଙ୍କ ପାଶ୍ ହାର ୯୬ ଦଶମିକ ୩/୯ ପ୍ରତିଶତ ରହିଛି।

ଚଳିତବର୍ଷ ମୋଟ୍ ୫ ଲକ୍ଷ ୪୧ ହଜାର ୬୧ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ଆସନ୍ତା ୨୯ରୁ ଜୁନ୍ ୧୨ ତାରିଖ ଯାଏ ଛାତ୍ରଛାତ୍ରୀମାନେ ରି-ଚେକିଂ ପାଇଁ ଅନ୍‌ଲାଇନ୍ ଜରିଆରେ ଆବେଦନ କରିପାରିବେ। ଜୁନ୍ ୧୦ ରୁ ସପ୍ଲିମେଣ୍ଟାରୀ ପରୀକ୍ଷା ପାଇଁ ରେଜିଷ୍ଟ୍ରେସନ୍ ଆରମ୍ଭ ହେବ ବୋଲି ବୋର୍ଡ ଉପସଭାପତି କହିଛନ୍ତି।

ଖୋର୍ଦ୍ଧାରେ ସର୍ବାଧିକ ପାଶ୍ ହାର ୯୭ ଦଶମିକ ୯/୮ ପ୍ରତିଶତ ରହିଥିବାବେଳେ ନୂଆପଡାରେ ସର୍ବନିମ୍ନ ପାଶ୍ ହାର ୯୩ ଦଶମିକ ୯/୧ ପ୍ରତିଶତ ରହିଛି।

ସେହିପରି କଟକରେ ୯୭ ଦଶମିକ ୫/୮ ପ୍ରତିଶତ, ଜଗତ୍‌ସିଂହପୁରରେ ୯୭ ଦଶମିକ ୬/୦ ପ୍ରତଶତ, କେନ୍ଦ୍ରାପଡାରେ ୯୫ ଦଶମିକ ୭/୭ ପ୍ରତିଶତ, ଯାଜପୁରରେ ୯୫ ଦଶମିକ ୯/୨ ପ୍ରତିଶତ, ଢେଙ୍କାନାଳରେ ୯୫ ଦଶମିକ ୧/୨ ପ୍ରତିଶତ, ପୁରୀରେ ୯୬ ଦଶମିକ ୭/୬ ପ୍ରତିଶତ, ନୟାଗଡ଼ରେ ୯୬ ଦଶମିକ ୨/୩ ପ୍ରତିଶତ, ବାଲେଶ୍ୱରରେ ୯୬ ଦଶମିକ ୧ ପ୍ରତିଶତ, ଭଦ୍ରକରେ ୯୬ ଦଶମିକ ୭/୩ ପ୍ରତିଶତ ଏବଂ କେନ୍ଦୁଝରରେ ୯୪ ଦଶମିକ ୮ ପ୍ରତିଶତ ରହିଛି ବୋଲି ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ସୂଚନା ମିଳିଛି। ଆଜି ଅପରାହ୍ଣରୁ ଅନ୍‌ଲାଇନ୍‌ରେ ମାଟ୍ରିକ୍, ମଧ୍ୟମା ଓ ଓପନ୍ ସ୍କୁଲ ପରୀକ୍ଷାର ଡିଜିଟାଇଜ୍‌ଡ୍ ବୋର୍ଡ ସାର୍ଟିଫିକେଟ୍ ଉପଲବ୍ଧ ହୋଇଥିବା ସହ ଏହି ଡିଜିଟାଇଜ୍‌ଡ୍ ସାର୍ଟିଫିକେଟ୍ ଛାତ୍ରଛାତ୍ରୀମାନେ

ମୋବାଇଲ୍ ମାଧ୍ୟମରେ ମଧ୍ୟ ପାଇପାରିବେ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି ।

ମାଟ୍ରିକ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀଙ୍କୁ **ରାଜ୍ୟପାଳ** ରଘୁବର ଦାସ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି । **ମୁଖ୍ୟମନ୍ତ୍ରୀ** ନବୀନ ପଟ୍ଟନାୟକ ସାମାଜିକ ଗଣମାଧ୍ୟମ ଜରିଆରେ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ କହିଛନ୍ତି, ଦୃଢ଼ ଇଚ୍ଛା ଶକ୍ତି ଓ କଠିନ ପରିଶ୍ରମ ବଳରେ ସମସ୍ତେ ଜୀବନରେ ସଫଳତାର ଶୀର୍ଷରେ ପହଞ୍ଚି ପାରିବେ । ସେହିପରି **କେନ୍ଦ୍ର ଶିକ୍ଷାମନ୍ତ୍ରୀ** ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ସାମାଜିକ ଗଣମାଧ୍ୟମ ଜରିଆରେ ମାଟ୍ରିକ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

## ପାଣିପାଗ

ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗର ଉପରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିଝଡ଼ 'ରେମାଲ' ବାତ୍ୟାରେ ପରିଣତ ହୋଇଛି । ଆଜି ଏହା ମଧ୍ୟରାତ୍ରରେ ସାଗରଦ୍ୱୀପ ଓ ଖେପୁପରା ମଝିରେ ବାଂଲାଦେଶ ଓ ପଶ୍ଚିମବଙ୍ଗ ଉପକୂଳରେ ସ୍ଥଳଭାଗ ଛୁଇଁବାର ସମ୍ଭାବନା ରହିଛି ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଏବେ ଏହି ସାମୁଦ୍ରିକ ଝଡ଼ ପଶ୍ଚିମବଙ୍ଗର ସାଗର ଦ୍ୱୀପପୁଞ୍ଜଠାରୁ ୧୬୦ କିଲୋମିଟର, ଦକ୍ଷିଣ-ଦକ୍ଷିଣପୂର୍ବ, ବାଂଲାଦେଶର ଖେପୁପରାଠାରୁ ୧୮୦ କିଲୋମିଟର ଦୂରରେ କେନ୍ଦ୍ରୀଭୂତ ରହିଛି । ସ୍ଥଳପଥରେ ଏହା ଅତିକ୍ରମ କରିବା ସମୟରେ ଘଣ୍ଟାପ୍ରତି ସର୍ବାଧିକ ୧୧୦ରୁ ୧୩୫ କିଲୋମିଟର ବେଗରେ ପବନ ବହିବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ଉତ୍ତର ଓ ଉପକୂଳ

ଓଡ଼ିଶାର କେତେକ ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ସହ ଘଣ୍ଟାପ୍ରତି ୪୦ରୁ ୫୦ କିଲୋମିଟର ବେଗରେ ପବନ ବହିବ । ବାତ୍ୟା ରେମାଲ ପ୍ରଭାବରେ ବାଲେଶ୍ୱର, ଭଦ୍ରକ, ଏବଂ ମୟୂରଭଞ୍ଜରେ ପ୍ରବଳ ବର୍ଷା ସମ୍ଭାବନା ରହିଛି । ଏହି ସମୟ ମଧ୍ୟରେ ସମୁଦ୍ର ଅଶାନ୍ତ ରହୁଥିବାରୁ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ଯିବାକୁ ବାରଣ କରାଯାଇଛି। ଏ ସମ୍ପର୍କରେ ସୂଚନା ଦେଇ ସ୍ୱତନ୍ତ୍ର ରିଲିଫ କମିଶନର ସତ୍ୟବ୍ରତ ସାହୁ କହନ୍ତି.....

**- V/O –**

*********************************